## ସଂକ୍ଷେପରେ

### ନାବାଳିକାଙ୍କ ଆତ୍ମହତ୍ୟା

କୁନ୍ଦୁରା,୧୯।୧୨(ଡି.ଏନ୍.ଏ.)- କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଉଦଲଗୁଡା ଗ୍ରାମର ସରକାରୀ କାଜୁ ବଗିଚାରେ ଜଣେ ନାବାଳିକା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ସେ ହେଲେ କବିତା ରନ୍ଧାରୀ । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ । ବୁଧବାର ଉଦଲଗୁଡା ଗ୍ରାମର କବିତା ଘରଠାରୁ ୫୦୦ ମିଟର ଦୂର କାଜୁ ବଗିଚାକୁ କାଠ ଆଣିବା ଲାଗି ଯାଇଥିଲେ । ସନ୍ଧ୍ୟାରେ ଘରକୁ ନ ଫେରିବାରୁ ପରିବାର ଲୋକେ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ । ହେଲେ କୌଣସି ପତ୍ତା ପାଇ ନ ଥିଲେ । ଗୁରୁବାର ସକାଳେ କାଜୁ ବଗିଚାରେ ସେ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା । ଖବରପାଇ ଥାନାଧିକାରୀ ସୂର୍ଯ୍ୟ ପ୍ରକାଶ ନାୟକ, ସାମାଜିକ କର୍ମୀ ଭବାନୀ ଶଙ୍କର ରଥ, ପଞ୍ଚାୟତ ସମିତି ଅଧକ୍ଷ ସୁରେନ୍ଦ୍ର ପରଜା ଏବଂ ତହସିଲଦାର ଅଶ୍ୱିନୀ କୁମାର ମହାପାତ୍ର ଘଟଣାସ୍ଥଳରେ ପହଞ୍ଚିଥିଲେ ।

### ଯୁବତୀଙ୍କୁ ପ୍ରତାରଣା ଅଭିଯୋଗ, ଜଣେ ଗିରଫ

ଛତ୍ରପୁର,୧୯।୧୨(ଡି.ଏନ.ଏ) -ଛତ୍ରପୁର ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ସେ ହେଲେ ଛତ୍ରପୁର ବ୍ଲକ ସୁନ୍ଦରପୁର ପଞ୍ଚାୟତ ନୂଆପଲ୍ଲୀ ଗାଁର ପୁରୁଷୋତ୍ତମ ଗୌଡ଼। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୁରୁଷୋତ୍ତମ ସମ୍ପୃକ୍ତ ଯୁବତୀଙ୍କୁ ବିବାହ କରିବା ପ୍ରତିଶ୍ରୁତି ଦେଇ ତାଙ୍କ ସହ ଦୀର୍ଘଦିନ ହେଲା ସମ୍ପର୍କ ରଖି ଆସୁଥିଲେ। ପରେ ବିବାହ ନିମନ୍ତେ ମନା କରିବାରୁ ଯୁବତୀ ଜଣକ ଛତ୍ରପୁର ଥାନାରେ ଏତଲା ଦେଇଥିଲେ।

# ଯୁବକଙ୍କୁ ଆକ୍ରମଣ ଘଟଣାରେ ବାପା,ପୁଅ ଗିରଫ

ଦଶମନ୍ତପୁର,୧୯।୧୨(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ଗିର୍ଲିଗୁମ୍ମା ପଞ୍ଚାୟତ ସଦର ଗ୍ରାମର ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଗୁରୁବାର ମୁରାନ ଫାଣ୍ଡି ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଜୟସେନ ବିଷୋୟୀ ଓ ତାଙ୍କ ପୁଅ ଅନନ୍ତ ବିଷୋୟୀ ।

ମଉଳା ବସରେ ବୁଡୁ ବେହେରା ଓ ଅନନ୍ତ ହେଲ୍‌ପର ଭାବେ କାମ କରୁଥିଲେ । କିଛି ମାସ ହେଲା ବସ୍ ମାଲିକ ଯାତ୍ରୀମାନଙ୍କଠାରୁ ସିଧାସଳଖ ଟଙ୍କା ଆଦାୟ ନ କରି ଏହି ଦୁଇଜଣଙ୍କୁ ଦାୟିତ୍ୱ ଦେଇଥିଲେ । ବୁଡୁ ଓ ଅନନ୍ତ ଯାତ୍ରୀଙ୍କଠାରୁ ଟଙ୍କା ଆଦାୟ କରି ସନ୍ଧ୍ୟାରେ ମାଲିକଙ୍କୁ ହିସାବ ଦେଉଥିଲେ । ଗତ ୧୭ ତାରିଖ ରାତିରେ କଣ୍ଡକ୍ଟର ପାଇଁ ବୁଡୁ ଓ ଅନନ୍ତଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଏହି ସମୟରେ ଅନନ୍ତଙ୍କ ବାପା ଜୟସେନ ଏକ ଠେଙ୍ଗା ସାହାଯ୍ୟରେ ବୁଡୁଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ । ଫଳରେ ସେ ଘଟଣାସ୍ଥଳରେ ଅଚେତ ହୋଇ ତଳେ ପଡିଯାଇଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ ଏକ ଗାଡିରେ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ କୋରାପୁଟ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । ଏନେଇ ବୁଡୁଙ୍କ ପରିବା ଲୋକେ ଗତ ବୁଧବାର ମୁରାନ ଫାଣ୍ଡିରେ ଏତଲା ଦେଇଥିଲେ । ପୋଲିସ ଏକ ମାମଲା(୧୧୮/୧୯) ରୁଜୁ କରି ବାପା, ପୁଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବୋଲି ଫାଣ୍ଡି ଅଧିକାରୀ ପଦ୍ମଲୋଚନ ନାୟକ ପ୍ରକାଶ କରିଛନ୍ତି ।

# ବାଲ୍ୟ ବିବାହ ରୋକିବା ନେଇ ସଚେତନତା



ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନତା କରାଯାଉଛି ।

ଅନକାଡ଼େଲି,୧୯।୧୨(ଡ଼ି.ଏନ.ଏ)

ଲମତାପୁଟ ବ୍ଲକ ଅନ୍ତର୍ଗତ ଅନକାଡ଼େଲି ସରକାରୀ ହାଇସ୍କୁଲ ପ୍ରାଙ୍ଗଣରେ ଗୁରୁବାର ବିଏସ୍ଏଫ୍ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବାଲ୍ୟ ବିବାହକୁ ବିରୋଧ ଓ ସ୍ୱଚ୍ଛତା ନେଇ ନାଟକ ମାଧ୍ୟମରେ ଛାତ୍ରୀଛାତ୍ର ଓ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା । ଏଥିରେ ବିଏସ୍ଏଫର ଡ଼େପୁଟି କମାଣ୍ଡାଣ୍ଟ ସୌରଭ ସିଂ ବିଷ୍ଣୋୟୀ, ପି.ଏସ. ମୁର୍ତ୍ତୀ ଓ ସ୍ଥାନୀୟ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ ।






# ଲକ୍ଷ୍ମୀପୁର ବ୍ଲକରେ ସମୀକ୍ଷା ବୈଠକ


ବୈଠକରେ ଅଧିକାରୀଙ୍କ ସହ ଲୋକ ପ୍ରତିନିଧି ।

ଲକ୍ଷ୍ମୀପୁର,୧୯।୧୨(ଡ଼ି.ଏନ.ଏ)–

ଲକ୍ଷ୍ମୀପୁର ବ୍ଲକ ପରିସରରେ ଥିବା ଏସଏଚଜି ହଲରେ ଜିଲା ପରିଷଦ ଉପାଧ୍ୟକ୍ଷ ନାର୍ସୁଲ କାମୁଡିଙ୍କ ଦ୍ୱାରା ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସମିତି ଅଧକ୍ଷା ସୁଆଇ କୁଲେଶିକାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଏବିଡିଓ ପ୍ରସନ୍ନ କୁମାର ଷଡଙ୍ଗୀ ଉପସ୍ଥିତ ଥିଲେ। ଲକ୍ଷ୍ମୀପୁର ବ୍ଲକର ୧୩ଟି ପଞ୍ଚାୟତର ସରପଞ୍ଚ, ସମିତିମେମ୍ବର, ପିଇଓ ଏବଂ କୃଷି ବିଭାଗ ଅଧିକାରୀ, ଉଦ୍ୟାନ ବିଭାଗ ଅଧିକାରୀ, କ୍ଷୁଦ୍ରଜଳସେଚନ ଅଧିକାରୀ, ଶିଶୁ ବିଭାଗ ଅଧିକାରୀ, ବନ ବିଭାଗ ଅଧିକାରୀ, ଶିକ୍ଷା ବିଭାଗ ଅଧିକାରୀ ଉପସ୍ଥିତ ରହି ଆଲୋଚନା କରିଥିଲେ । ବିଭିନ୍ନ କାର୍ଯ୍ୟଗୁଡିକୁ ଆଗେଇ ନେବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା । ଏମଜିଏନଆରଇଜିଏ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବୈଠକକୁ କାର୍ତ୍ତିକ ପାଢୀ ପରିଚାଳନା କରିଥିଲେ।






# ଛାତ୍ରୀଙ୍କ ଆତ୍ମହତ୍ୟା

ସେମିଳିଗୁଡା, ୧୯।୧୨(ସ୍ୱ.ପ୍ର )

କୋରାପୁଟ ଜିଲା ସେମିଳିଗୁଡା ବସଷ୍ଟାଣ୍ଡ ନିକଟସ୍ଥ ଗାନ୍ଧୀ ନଗରରେ ନିଜ ଚୁନି ବେକରେ ଲଗାଇ ଜଣେ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି । ସେ ହେଲେ ଗାନ୍ଧୀନଗରର ହରିଶ ସିଂହଙ୍କ ଝିଅ ସୋନି ସିଂହ (୧୯) । ଖବରପାଇ ସୁନାବେଡା ଏସ୍‌ଡିପିଓ ନିରଞ୍ଜନ ବେହେରା, ସେମିଳିଗୁଡା ଥାନା ଏସ୍‌ଆଇ ଭଗବାନ ମିଶ୍ର ଏବଂ ଏସ୍‌ଆଇ ଅନିତା ନାୟକ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ଘଟଣାସ୍ଥଳରୁ ପୋଲିସ ଏକ ସୁଇସାଇଡ୍ ନୋଟ ଜବତ କରିଛି । ନିଜ ମାଆଙ୍କ ପ୍ରତି ଧ୍ୟାନ ଦେବା ପାଇଁ ସେ ପରିବାର ସଦସ୍ୟଙ୍କୁ ବହୁବାର ଅନୁରୋଧ କରିଥିଲେ ଏବଂ ସେ ଏଥିରେ ହାରି ଯାଇଛନ୍ତି ବୋଲି ଉକ୍ତ ସୁଇସାଇଡ ନୋଟରେ ଉଲ୍ଲେଖ ରହିଛି। ଏନେଇ ସେମିଳିଗୁଡା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ତଦନ୍ତ ପରେ ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି ।

# ବାଲି, ପଥର ବୋଝେଇ ୩ ଟ୍ରାକ୍ଟର ଜବତ

ଶେରଗଡ,୧୯।୧୨(ଡି.ଏନ୍.ଏ.)

ଶେରଗଡ ବ୍ଲକ ବ୍ରାହ୍ମଣଛାଇ ଓ ତହଁରରୁ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ଦୁଇଟି ଟ୍ରାକ୍ଟରକୁ ତହସିଲ ପକ୍ଷରୁ ଜବତ କରାଯାଇଛି। ଟ୍ରାକ୍ଟର ମାଲିକଙ୍କଠାରୁ ୧୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ବ୍ରାହ୍ମଣଛାଇ ଓ ତହଁରରୁ ବାଲି ଚୋରା ଚାଲାଣ ହେଉଥିବା ନେଇ ଅଭିଯୋଗ ହେବାପରେ ଶେରଗଡ ତହସିଲଦାର ଡ. ଦୟାସିନ୍ଧୁ ପରିଡା, ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ, ସୁପରଭାଇଜର ମନୋଜ ନାହାକ ଓ ପି. ପଞ୍ଚମା ସଦଳବଳ ଚଢାଉ କରିଥିଲେ। ସେହିପରି ଏକ ପଥର ବୋଝେଇ ଟ୍ରାକ୍ଟରକୁ ମଧ ଜବତ କରି ୧୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ

### ଜଳିଗଲା ଧାନଗଦା



ଜୟପୁର,୧୯।୧୨ (ଡି.ଏନ.ଏ): କୋରାପୁଟ ଜିଲା ଜୟପୁର ବ୍ଲକ ଟାଙ୍ଗୁଆ ପଞ୍ଚାୟତର ମାହାଲିଆପୁଟ ମାଳିସାହିରେ ୨ଟି ଧାନ ଗଦା ଜଳିଯାଇଛି । ଫଳରେ ୧ ଏକର ଜମିର ଧାନ ନଷ୍ଟ ହୋଇଯାଇଛି । ଗ୍ରାମର ଶ୍ୟାମ ମାଳି ଏବଂ ହରିବନ୍ଧୁ ମାଳିଙ୍କ ଦୁଇ ଏକର ଜମିର ଅମଳ ହୋଇଥିବା ଧାନ କଟାଯାଇ ଦୁଇଟି ଗଦାରେ ରଖାଯାଇଥିଲା । ହଠାତ କେଉଁ କାରଣରୁ ଗଦାରେ ନିଆଁ ଲାଗିଯାଇଥିଲା । ଖବରପାଇ ଜୟପୁର ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା ।

### ପିଆଜ ପରେ ଏବେ ଆଳୁ ଦର ବୃଦ୍ଧି
#### ଖାଉଟିଙ୍କ ଉପରେ ଚଡ଼କ

ଜୟପୁର, ୧୯।୧୨ (ନି.ପ୍ର): ପିଆଜ ପରେ ଏବେ ଜୟପୁରରେ ଆଳୁ ଦର ବୃଦ୍ଧି ପାଇଛି। ଫଳରେ ଗରିବ ଖାଉଟି ମୁଣ୍ଡରେ ଚଟକ ପଡିଛି । ପିଆଜ କେଜି ୧ ଶହରୁ ୧୨୦ ଟଙ୍କା ମଧ୍ୟରେ ବିକ୍ରି ହେଉଛି । ଏବେ ଜୟପୁରରେ ଆଳୁ କିଲୋ ୨୪ ରୁ ୨୫ ଟଙ୍କା ଦରରେ ବିକ୍ରି କରାଯାଉଛି । ଆଳୁ ଉପରେ ନିର୍ଭର କରୁଥିବା ଗରିବ ପରିବାର ଚିନ୍ତାରେ ପଡିଛନ୍ତି । ୨ ଦିନ ହେବ ଆଳୁ ଦର ବୃଦ୍ଧି ଘଟିବା ଯୋଗୁ ଖାଉଟି ମହଲରେ ଅସନ୍ତୋଷ ଦେଖାଦେଇଛି । ୨ ଦିନ ତଳେ ଖୁଚୁରା ବଜାରରେ ଆଳୁ ୨୨ ଟଙ୍କା ଥିବା ବେଳେ ଗୁରୁବାର କିଲୋ ପିଛା ୨୪ ରୁ ୨୫ ଟଙ୍କାକୁ ବୃଦ୍ଧି ପାଇଛି । ଫଳରେ ଗରିବ , ଖାଉଟିଙ୍କ ମଧ୍ୟରେ ଭାଳେଣି ପଡିଛି । ପୂର୍ବରୁ ପନିପରିବା ଓ ପିଆଜ ଦର ହନ୍ତସନ୍ତ କରୁଥିବା ବେଳେ ଏବେ ଆଳୁ ଦର ଖାଉଟିଙ୍କ ପାଇଁ ଘୋର ସମସ୍ୟା ସୃଷ୍ଟି କରିଛି । ଆଳୁ ଦର ବୃଦ୍ଧି ଲାଗି ପଶ୍ଚିମବଙ୍ଗ ଦଙ୍ଗା ଦାୟୀ ବୋଲି ବ୍ୟବସାୟୀମାନେ ଯୁକ୍ତି ବାଢୁଥିବା ବେଳେ ଏହା ଏକ ସାମୟିକ ଦର ବୋଲି କହିଛନ୍ତି । ଆସନ୍ତା ସପ୍ତାହକ ମଧ୍ୟରେ ଆଳୁ ଦର ପୁଣି ସ୍ୱାଭାବିକ ହେବ ବୋଲି ବ୍ୟବସାୟୀମାନେ ଆଶା ରଖିଛନ୍ତି । କୌଣସି ଜିନିଷ ର ଦରଦାମ ଥରେ ବୃଦ୍ଧି ହେଲେ ଆଉ କମିବାର ନା ଧରୁ ନାହିଁ । ଅଧିକାଂଶ ପନି ପରିବା ଦର କିଲୋ ପିଛା ୫୦ ଟଙ୍କା ରହୁଛି । ଯାହା କମୁନାହିଁ। ଏନେଇ ସହକାରୀ ଯୋଗାଣ ଅଧିକାରୀ ରବି ନାରାୟଣ ନନ୍ଦଙ୍କୁ ପଚାରିବାରୁ , ସେ ବଜାର ଉପରେ ଚଢ଼ାଉ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

### ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ



ବୋରିଗୁମ୍ମା,୧୯।୧୨(ଡ଼ି.ଏନ.ଏ): ସ୍ଥାନୀୟ ଟାଉନ ହଲଠାରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ପ୍ରଥମ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଗୌରାଙ୍ଗ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଥମେ ସଂଘର ୧୪ ଜଣଙ୍କ ମୃତ୍ୟୁ ନେଇ ସେମାନଙ୍କ ଆତ୍ମାର ସଦ୍‌ଗତି ଲାଗି ନିରବ ପ୍ରାର୍ଥନା କରାଯାଇଥିଲା । ଖୁବ୍‌ଶୀଘ୍ର ଜମି ଚିହ୍ନଟ କରାଯାଇ ସଂଘର ନୂତନ ଗୃହ ନିର୍ମାଣ ନିମନ୍ତେ ଅନୁଦାନ ଦେବା ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ । ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀଙ୍କ ମହଙ୍ଗା ଭତ୍ତା ମିଳିବାରେ ବିଳମ୍ବ ନେଇ ବିଧାନସଭାରେ ଉପସ୍ଥାପନ ପାଇଁ ସଂଘ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଅନ୍ୟମାଙ୍କ ମଧରେ ବ୍ଲକ ଅଧ୍ୟକ୍ଷା ବିମଳା ଚାଲାଣ, ସରପଞ୍ଚ ଚନ୍ଦ୍ରିକା ଜାନି, ସଂଘ ସମ୍ପାଦକ ଚକ୍ରପାଣି ନାଉଡିଆ, ଉପଦେଷ୍ଟା ଅନ୍ତର୍ଯ୍ୟାମୀ ରଥ, ମାଧବ ଚୌଧୁରୀ, ପି ବାଙ୍ଗାରୀ, ମାଧବ ଚନ୍ଦ୍ର ଭଞ୍ଜ, ଆର ମାଧବ ରାଓ ପଟ୍ଟନାୟକ, ରାମଚନ୍ଦ୍ର ପାଢ଼ୀ, ଅଶୋକ ଗନ୍ତାୟତ, କେ ସୁଧାକରଙ୍କ ସମେତ ୩ ଶହ ରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ ।

■ ଯୁଗ୍ମ ନିର୍ଦ୍ଦେଶକଙ୍କ ତଦନ୍ତ

# ୪୫ରୁ ୪୧ ନକଲି ଭାଗଚାଷୀ

ଜୟପୁର/ଫାମ୍ପୁଣି, ୧୯।୧୨(ଡି.ଏନ.ଏ)

କୋରାପୁଟ ଜିଲା ଜୟପୁର ବ୍ଲକ ଫାମ୍ପୁଣି ଏବଂ କାଳିଆଗାଁ ପଞ୍ଚାୟତର ଘାଟବାଗରା ଅଞ୍ଚଳରେ ନକଲି ଭାଗଚାଷୀଙ୍କ ନାମରେ ରେଜିଷ୍ଟ୍ରେଶନ କରାଯାଇ ଧାନ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଥିଲା । ଏନେଇ ଗତ ମଙ୍ଗଳବାର ଏବଂ ବୁଧବାର ଦୁଇଦିନ ଧରି ରାଜ୍ୟ ସରକାରଙ୍କ ଖାଦ୍ୟ ଓ ଯୋଗାଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଉକ୍ତ ଦୁଇଟି ପଞ୍ଚାୟତର ବାର୍ଲାହାଣ୍ଡି, ଘିଉରି, ଫାମ୍ପୁଣି ଏବଂ ଘାଟବାଗରା ପ୍ରଭୃତି ୪ ଟି ଗ୍ରାମରେ ପହଞ୍ଚି ତଦନ୍ତ କରିଛନ୍ତି । ୪୫ ଭାଗଚାଷୀଙ୍କ ମଧ୍ୟରୁ ୪୧ ଜଣ ନକଲି ଥିବା ତଦନ୍ତରୁ ଜଣାଯାଇଛି ।

ଉକ୍ତ ଅଞ୍ଚଳରେ ମୋଟ ୪୫ଜଣ ନକଲି ଚାଷୀ ରହିଥିବା ନେଇ ଅଭିଯୋଗ ହୋଇଥିଲା । ଯୁଗ୍ମ ନିର୍ଦ୍ଦେଶକ ଅଜିତ ପାତ୍ର ନିଜେ ସ୍ଥାନୀୟ ଅଧିକାରୀମାନଙ୍କ ସହିତ ଉକ୍ତ ଗ୍ରାମରେ ପହଞ୍ଚି ଭାଗଚାଷୀ ଏବଂ ଜମି ମାଲିକଙ୍କ ସହିତ ଆଲୋଚନା କରି ସେମାନଙ୍କ ବୟାନ ରେକର୍ଡ କରିଥିଲେ । ୪୧ ଜଣ ନକଲି ଭାଗଚାଷୀ ଚିହ୍ନଟ କରାଯାଇଛି । ସେହିପରି ଫାମ୍ପୁଣି ପଞ୍ଚାୟତ ସରପଞ୍ଚ ପ୍ରତିମା ନାୟକଙ୍କ ୧୪ଟି ଜାଲ ଦସ୍ତଖତ କରାଯାଇଥିବା ନେଇ ଅଭିଯୋଗ ହୋଇଛି । କେଉଁ ଜମିରେ ଧାନ ଚାଷ ହେଉ ନ ଥିବା ବେଳେ କିଛି ଜମିର ମାଲିକ ଅଜାଣତରେ ଏହିପର ନକଲି ଭାଗଚାଷୀଙ୍କ ନାମ ପଞ୍ଜୀକୃତ କରିଛନ୍ତି । ସ୍ଥାନୀୟ ଦଲାଲମାନେ କିଛି ଜମିରେ ନିଜର ଲୋକଙ୍କ ନାମରେ ଭାଗଚାଷୀ ଭାବେ ନାମ ପଞ୍ଜୀକୃତ କରିଛନ୍ତି । ଏହିପରି କୃଷି ବିଭାଗର ଗ୍ରାମସେବକ ଏବଂ ରାଜସ୍ୱ ନିରୀକ୍ଷକ ଯୁଗ୍ମ ତଦନ୍ତ ମାଧ୍ୟମରେ କେଉଁ ଜମିରେ ଧାନ ଚାଷ ହେଉଛି ନିରୀକ୍ଷଣ ପରେ ରିପୋର୍ଟ ଦେବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା । କିନ୍ତୁ ଏହିପରି ଯୁଗ୍ମ ତଦନ୍ତକୁ ଅଣଦେଖା କରାଯାଇଥିବା ନେଇ ଅଭିଯୋଗ ହୋଇଛି । ଏହିପରି ଜମିରେ ଧାନ ଚାଷ ନେଇ ଯୁଗ୍ମ ରିପୋର୍ଟ ଏବଂ ସରପଞ୍ଚଙ୍କ ଭାଗଚାଷୀ ଚିହ୍ନଟ ସାର୍ଟିଫିକେଟକୁ ଭିତ୍ତି କରାଯାଇ କ୍ରୟକାରୀ ସଂସ୍ଥା ଲ୍ୟାମ୍ପସ୍ କିମ୍ବା ମହିଳା ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ଚାଷୀଙ୍କ ନାମ ପଞ୍ଜୀକୃତ କରାଯାଇଥାଏ । ଅନ୍ୟପକ୍ଷରେ ସରକାରଙ୍କୁ ଠକିବା ସହିତ ଦୁଇବର୍ଷରୁ ଊର୍ଦ୍ଧ୍ୱ ହେଲାଣି ଏହିପରି କାର୍ଯ୍ୟ କରୁଥିବା କେତେକ ଚାଷୀ ନେତା ନାମରେ ଦଲାଲ, ମିଲ ମାଲିକ ଏବଂ ବ୍ୟବସାୟୀ ଏହି ଷଡଯନ୍ତ୍ରରେ ସାମିଲ ହୋଇଛନ୍ତି । ଏମାନଙ୍କୁ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀ ଏବଂ ସାଧାରଣରେ ଦାବି କରାଯାଇଛି। ଏହିପରି କୋରାପୁଟ ଜିଲାର କୁନ୍ଦୁରା, ବୋରିଗୁମ୍ମା, କୋଟପାଡ ବ୍ଲକରେ ନକଲି ଭାଗଚାଷୀ ରହିଥିବା ନେଇ ଅଭିଯୋଗ ହୋଇଛି ।



ଓଲଟି ପଡ଼ିଥିବା ଟ୍ୟାଙ୍କରରୁ ଲୋକେ ତେଲ ସଂଗ୍ରହ କରୁଛନ୍ତି ।

## ଓଲଟିଲା ଡିଜେଲ ଟ୍ୟାଙ୍କର, ଡ୍ରାଇଭର ଆହତ

ପଟ୍ଟାଙ୍ଗି,୧୯।୧୨(ଡି.ଏନ.ଏ)

ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ତଥା ହନୁମାନ ମନ୍ଦିର ନିକଟରେ ଗୁରୁବାର ଏକ ଡ଼ିଜେଲ ବୋଝେଇ ଟ୍ୟାଙ୍କର ଓଲଟି ପଡ଼ିଛି । ଫଳରେ ଡ୍ରାଇଭର ଆହତ ହୋଇଛନ୍ତି । ସେ ହେଲେ ବି. କ୍ରିଷ୍ଣା । ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି ।

ଉକ୍ତ ଡ଼ିଜେଲ ବୋଝେଇ ଟ୍ୟାଙ୍କର (ଏପି୩୧ଟିଏଚ-୩୩୩୩) ଆନ୍ଧ୍ରରୁ ୨୬ନଂ ଜାତୀୟ ରାଜପଥ ଦେଇ ରାୟପୁର ଅଭିମୁଖେ ଯାଉଥିଲା । ସ୍ଥାନୀୟ ହନୁମାନ ମନ୍ଦିର ନିକଟ ଗଡ଼ାଣିଆ ରାସ୍ତାରେ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଦୁର୍ଘଟଣା ପରେ ଗାଡ଼ିରୁ ଡ଼ିଜେଲ ସଂଗ୍ରହ କରିବାରେ ଲୋକଙ୍କ ଭିଡ ଜମିଥିଲା । ଏମିତି କି ତେଲ ସଂଗ୍ରହ କରିବା ସମୟରେ ଲୋକଙ୍କ ମଧରେ ଠେଲା ପେଲା ଆରମ୍ଭ ହୋଇଥିଲା । ଖବରପାଇ ସ୍ଥାନୀୟ ଥାନା ଅଧିକାରୀ ବିଜୟ ରାଜ ମାଝି ଓ ଏସଆଇ ଗୋଲକ ପଟ୍ଟନାୟକ ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ଘଉଡ଼ାଇଥିଲେ । ପରେ ଦମକଳ ଗାଡି ଘଟଣାସ୍ଥଳରେ ପହଞ୍ଚିଥିଲା । ଉକ୍ତ ଗଡାଣିଆ ଓ ବୁଲାଣିଆ ରାସ୍ତାରେ ଗାଡିର ଷ୍ଟେରିଙ୍ଗ ଲକ ପଡିଯିବାରୁ ଗାଡିଟି ଭାରସାମ୍ୟ ହରାଇ ଓଲଟି ପଡିଥିବା ଡ୍ରାଇଭର ପ୍ରକାଶ କରିଛନ୍ତି ।

## ନାଗରିକତ୍ୱ ସଂଶୋଧନ ଆଇନକୁ ବିରୋଧ କରି ସିପିଆଇର ଧାରଣା

ଜୟପୁର, ୧୯।୧୨ (ନି.ପ୍ର/ଡ଼ି.ଏନ.ଏ)

ନାଗରିକତ୍ୱ ସଂଶୋଧନ ଆଇନ ୨୦୧୯କୁ ବିରୋଧ କରି ସିପିଆଇ ପକ୍ଷରୁ ଧାରଣା ଦିଆଯାଇଛି । ଜୟପୁର ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ଏହି ନୀରବ ଧାରଣା ଦିଆଯାଇଛି । ଏହି ଆଇନକୁ ବାମପନ୍ଥୀ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ସଂଗଠନ ସମୂହ ବିରୋଧ କରିଛି । ଦେଶର ୧ ହଜାର ବୈଜ୍ଞାନିକ ନାଗରିକତ୍ୱ ସଂଶୋଧନ ଆଇନ ବିରୋଧରେ ସ୍ୱର ଉଠାଇଛନ୍ତି । ଅତୀତରେ କେବେ ହେଲେ ଏତେ ସଂଖ୍ୟକ ବୈଜ୍ଞାନିକ ଏକତ୍ରିତ ହୋଇ ସରକାରଙ୍କ ନୀତିକୁ ବିରୋଧ କରି ନ ଥିଲେ । ଲାଠି ଗୁଳି ପଛେ ଖାଇବା, ଅହିଂସା ସତ୍ୟାଗ୍ରହ କରିବା, ଦେଶର ଏକତା ଓ ସମ୍ବିଧାନ ରକ୍ଷା କରିବା , ଫାସିବାଦୀ ଶକ୍ତି ବିରୋଧରେ ଲଢିବା ପାଇଁ ଆହ୍ୱାନ ଦିଆଯାଇଛି । ଏହି ଧାରଣାରେ ସିପିଆଇ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ପ୍ରମୋଦ ମହାନ୍ତି, ରାମକୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।



ସିପିଆଇ ପକ୍ଷରୁ ଦିଆଯାଇଥିବା ଧାରଣା ।

### ୧୧୦ କେଜି ଗଞ୍ଜେଇ ଜବତ

ନନ୍ଦପୁର,୧୯।୧୨ (ଡି.ଏନ.ଏ)

କୋରାପୁଟ ଜିଲା ପାଡୁଆ ପୋଲିସ ବୁଧବାର ସକାଳେ ଶିରସଗୁଡା ଛକ ନିକଟରେ ଏକ କମାଣ୍ଡରରୁ ୧୧୦ କେଜି ଗଞ୍ଜେଇ ଜବତ କରିଛି । ଗାଡ଼ି ଡ୍ରାଇଭର ଓ ଅନ୍ୟମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ଏହି ଚଢାଉରେ ଥାନା ଅଧିକାରୀ ଗୁରୁଦେବ କର୍ମୀ, ଏସଆଇ ଏସ.ମାଢ଼ୀ ,ଏଏସଆଇ ଗୌରାଙ୍ଗ ସାହୁ ,ହାବିଲଦାର ସି.ଏଚ. ତ୍ରିନାଥ,କନଷ୍ଟେବଲ ମନୋଜ ନାୟକ, ହୋମ ଗାର୍ଡ ବନମାଳି ଖରା ପ୍ରମୁଖ ସାମିଲ ହୋଇଥିଲେ ।

■ କୋଲାବ ଜଳ ଭଣ୍ଡାରରେ ବ୍ରିଜ ନିର୍ମାଣ ଦାବି

### କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ଏମ୍‌ପି

ଜୟପୁର,୧୯।୧୨(ନି.ପ୍ର)

ବହୁ ପ୍ରତୀକ୍ଷିତ କୋଲାବ ଜଳଭଣ୍ଡାର ଉପରେ ବ୍ରିଜ ନିର୍ମାଣ ନେଇ କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ଦାବି କରିଛନ୍ତି । ଏନେଇ ସେ ପରିବହନ କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରିଙ୍କୁ ପାର୍ଲାମେଣ୍ଟରେ ଭେଟି ଏକ ଦାବି ପତ୍ର ପ୍ରଦାନ କରିଛନ୍ତି । ଜଳ ଭଣ୍ଡାର ଉପରେ ୧୨ ଶହ ମିଟର ବ୍ରିଜ ନିର୍ମାଣକୁ ଗୁରୁତ୍ୱ ଦେଇ କେନ୍ଦ୍ରମନ୍ତ୍ରୀ ଉକ୍ତ ପ୍ରସ୍ତାବକୁ ଅର୍ଥ ବିବାଗକୁ ପଠାଇଛନ୍ତି । ସେଠାରେ ମଞ୍ଜୁରି ହେଲା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଛନ୍ତି । ବିଭିନ୍ନ ଅଧିକାରୀଙ୍କ ଉପସ୍ଥିତିରେ କୋରାପୁଟ ଏମ୍‌ପି କ୍ଷେତ୍ର ବିକାଶ ନେଇ ଆଲୋଚନା କରିଥିଲେ । ଲମତାପୁଟର ସିନ୍ଦିପୁର ଘାଟଠାରେ ଜଳ ଭଣ୍ଡାର ଉପରେ ବ୍ରିଜ ନିର୍ମାଣ କରିବା ନେଇ ଦାବି ରଖିଥିଲେ । ଲମତାପୁଟ ବ୍ଲକର ୬ ଟି ପଞ୍ଚାୟତ, କୋରାପୁଟ ବ୍ଲକର କେତେକ ପଞ୍ଚାୟତ କୋଲାବ ଜଳ ଭଣ୍ଡାର ଲାଗି ବିଚ୍ଛିନ୍ନ ହୋଇ ରହିଛନ୍ତି । ୧୨ଶହ ମିଟର ବ୍ରିଜ ନିର୍ମାଣ ହେଲେ ଉକ୍ତ ପାଞ୍ଚାୟତବାସୀ ଉପକୃତ ହେବେ ।

## ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର



ନିଯୁକ୍ତି ମେଳାରେ ସାମିଲ ହୋଇଥିବା ଯୁବତୀଯୁବକ ।

ବୈପାରୀଗୁଡା,୧୯।୧୨ (ଡି.ଏନ୍.ଏ)

ଗୁରୁବାର ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଓରମାସ ପକ୍ଷରୁ ଏକ ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ୧୧ ଟି ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ଅଂଶ ଗ୍ରହଣ କରିଥିଲେ । ମୋଟ ୫୭୦ ଜଣ ଗ୍ରାମୀଣ ବେକାର ଯୁବତୀଯୁବକ ନାମ ପଞ୍ଜୀକରଣ କରିଥିଲେ । ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୨୨୧ ଜଣ ଟ୍ରେନିଂ ନେଉଛନ୍ତି । ଏଥିରେ ବ୍ଲକ ଅଧ୍ୟକ୍ଷା ସରୋଜିନୀ କାଣ୍ଡିକି , ବ୍ଲକ ଉପାଧ୍ୟ ତ୍ରିଲୋଚନ ଜେନା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଜନୀକାନ୍ତ ଦାସ ,ଡିଆରଡ଼ିଏ ଜିଲା ସଂଯୋଜକ ପ୍ରଶାନ୍ତ କୁମାର ଛତର, ସ୍ଥାନୀୟ ଓଏଲ୍‌ଏମ୍ ପରିଚାଳକ ଧବଳେଶ୍ୱର ସୁନା , ବିଏଲ୍‌ସି ନିତୁ କୁମାରୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

■ ସରକାରଙ୍କ ନିର୍ଦ୍ଦେଶକୁ ମାନୁନି ଓଏସ୍‌ଆରଟିସି ବସ

## ଓଡ଼ିଆରେ ଲେଖାଯାଉନି ଫଳକ

ଜୟପୁର,୧୯।୧୨ (ଡି.ଏନ.ଏ)



ରାଜ୍ୟରେ ଓଡିଆ ଭାଷାରେ ସମସ୍ତ ନାମ ଫଳକ ଲେଖିବାକୁ ରାଜ୍ୟ ସରକାର ବାଧ୍ୟତାମୂଳକ କରିଛନ୍ତି । ହେଲେ ଏହି ନିୟମକୁ ଓଏସ୍‌ଆରଟିସି ମାନୁନି । ରାଜ୍ୟ ସଡକ ନିଗମର ଜୟପୁର ଡିପୋର ବିଶାଖାପାଟଣା-ଜଗଦଲପୁର ବସରେ ଇଂଲିଶ ଏବଂ ତେଲୁଗୁ ଭାଷାରେ ଲେଖାଯାଇ ଟଙ୍ଗା ଯାଇଛି । ଏହିପରି ରାଜ୍ୟ ନିଗମର ବସରେ ଓଡ଼ିଆ ଭାଷା ବଦଳରେ ଅନ୍ୟାନ୍ୟ ଭାଷା ଲେଖାଯାଇଛି । ଏ ନେଇ ଯାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଗୁରୁବାର ବିଶାଖାପାଟଣା ଠାରୁ ଜଗଦଲପୁର ଯାଉଥିବା ରାଜ୍ୟ ସଡକ ନିଗମର ବସ (ଓଡି୧୦ଏ୬୩୯୪) ଯାତ୍ରା କରୁଥିଲା । ମଧ୍ୟାହ୍ନ ୧ ଟାରେ ଜୟପୁର ବସଷ୍ଟାଣ୍ଡରେ ବସରେ ନାମଫଳକ ଟଙ୍ଗା ଯାଇଥିଲା । ଏହିପରି ଓଡିଆ ଭାଷା ସୁରକ୍ଷା ନିମନ୍ତେ ରାଜ୍ୟରେ ବିଭିନ୍ନ ସଂଗଠନ ରହିଥିଲେ ସୁଦ୍ଧା କେବଳ ବୈଠକ ଓ ସଭାରେ କାର୍ଯ୍ୟ ସୀମିତ ରହୁଛି । ଏହିପରି ଅବ୍ୟବସ୍ଥାକୁ ଅଣଦେଖା କରୁଥିବା ନେଇ ଅଭିଯୋଗ ହୋଇଛି । ଏ ସମ୍ପର୍କରେ ଉତ୍କଳ ସମ୍ମିଳନୀ ରାଜ୍ୟ ଉପସଭାପତି ବିନୋଦ ମହାପାତ୍ରଙ୍କୁ ପଚାରିବାରୁ, ରାଜ୍ୟ ସରକାରଙ୍କ ସିଧାସଳଖ ସମ୍ପୃକ୍ତି ରହୁଥିବା ନିଗମର ବସରେ ଅବ୍ୟବସ୍ଥାକୁ ବରଦାସ୍ତ କରାଯିବ ନାହିଁ । ଏଥିନେଇ ତୁରନ୍ତ ସମ୍ପୃକ୍ତ ଜୟପୁର ଡିପୋର ପରିଚାଳକଙ୍କ ନିକଟରେ ଅଭିଯୋଗ କରାଯିବ । ଏଥିପ୍ରତି ଅଣଦେଖା କରାଗଲେ ଥାନାରେ ଅଭିଯୋଗ କରାଯିବ ବୋଲି କହିଛନ୍ତି । ବସଷ୍ଟାଣ୍ଡ ଦାୟିତ୍ୱରେ ଥିବା ଷ୍ଟେଶନ ମାଷ୍ଟର ପ୍ରମୋଦ ସାହୁଙ୍କୁ ପଚାରିବାରୁ, ଏହା ବହୁଦିନ ପୁରାତନର ନାମଫଳକ ଅଟେ । ଓଡିଆ ଭାଷାରେ ଏହା ତୁରନ୍ତ ଲେଖାଯିବ ବୋଲି କହିଛନ୍ତି ।

## ଆତ୍ମରକ୍ଷା ତାଲିମ ଶିବିର

ବୈପାରୀଗୁଡା,୧୯।୧୨ (ଡି.ଏନ୍.ଏ)

ସାମ୍ପ୍ରତିକ ପରିସ୍ଥିତିରେ ମହିଳାଙ୍କ ଉପରେ ଆକ୍ରମଣ ବୃଦ୍ଧି ପାଉଥିବା ବେଳେ ବାଳିକାମାନଙ୍କୁ ଯେ କୌଣସି ପରିସ୍ଥିତିର ମୁକାବିଲା କରିବା ଉଦେଶ୍ୟରେ ଗୁରୁବାର ସ୍ଥାନୀୟ ଶହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ସ୍ଥାନୀୟ ସରପଞ୍ଚ ଭାଗୀରଥି ମୁର୍ଜିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ବିଦ୍ୟାଳୟ ଅଧ୍ୟକ୍ଷ କୁମୁନ୍ଦ ରଞ୍ଜନ ମହାରଣା ଅଧ୍ୟକ୍ଷତା କରିଥିଲେ । ଆତ୍ମରକ୍ଷା ଅଧିକାରୀ ଭଗବାନ ପ୍ରଧାନଙ୍କ ସମେତ ଅନ୍ୟ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ । ଏହି ଶିବିର ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ବିଭିନ୍ନ କଳା କୌଶଳ ସମ୍ପର୍କରେ ତାଲିମ ଦିଆଯିବ ।

## ଗ୍ରାମୀଣ ଡାକ କର୍ମଚାରୀଙ୍କ ଉପବାସ ଧାରଣା

ଜୟପୁର, ୧୯।୧୨ (ନି.ପ୍ର/ଡି.ଏନ.ଏ.)

କୋରାପୁଟ ଡିଭିଜନାଲ୍ ଶାଖା ତରଫରୁ ଗ୍ରାମୀଣ ଡାକ କର୍ମଚାରୀ ଦିନିକିଆ ଉପବାସ ଧାରଣା ଦେଇଛନ୍ତି । ସାରା ଭାରତ ବର୍ଷରେ ଏହି ଧାରଣା ଦିଆଯାଇଥିବା ବେଳେ କୋରାପୁଟ ଡିଭିଜନାଲ ତରଫରୁ ଜୟପୁର ମୁଖ୍ୟ ଡାକ ଘର ଡିଭିଜନ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଛି । ଜିଡିଏସମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ବେତନ କମିଶନ ନିର୍ଦ୍ଧାରିତ ଗୃପ୍ ଇନସ୍ୟୁରାନ୍ସ ସ୍କିମ କୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି , ନିର୍ଦ୍ଧାରିତ ୧୮୦ ଦିନ ଛୁଟିକୁ ମଞ୍ଜୁରୀ , ଜିଡିଏସ କର୍ମଚାରୀମାନଙ୍କୁ ମେଡିକାଲ ସୁବିଧା, ଜିଡିଏସମାନଙ୍କ ବଦଳି ନିୟମକୁ ପରିବର୍ତ୍ତନ, ଜିଡିଏସମାନେ ଯେଉଁ ଦିନ ଅବସର ନେବେ ସେହି ଦିନ ହିଁ ସେମାନଙ୍କୁ ବେନିଫିଟ ଦିଆଯାଉ ଆଦି ୧୦ ଦଫା ଦାବି ରହିଛି । କେନ୍ଦ୍ରର ସମସ୍ତ ଟ୍ରେଡ ୟୁନିୟନର ମିଳିତ କ୍ରିୟାନୁଷ୍ଠାନ କମିଟିର ନିର୍ଦ୍ଦେଶକ୍ରମେ ଆସନ୍ତା ୮ ତାରିଖରେ ସ୍ୱଭାରତୀୟ ସ୍ତରରେ କେନ୍ଦ୍ର ସରକାରଙ୍କୁ ଚେତେଇ ଦେବା ପାଇଁ ଏହି ଧର୍ମଘଟର ଆହ୍ୱାନ ଦିଆଯାଇଛି ।



ଧାରଣାରେ ବସିଥିବା ଗ୍ରାମୀଣ ଡାକ କର୍ମଚାରୀମାନେ ।

■ ଐତିହାସିକ ଜଗନ୍ନାଥ ସାଗର

# ବିକାଶ ନେଇ ବୁଲି ଦେଖିଲେ ବିଧାୟକ

ଜୟପୁର,୧୯।୧୨(ନି.ପ୍ର)

ଜୟପୁର ଐତିହାସିକ ଜଗନ୍ନାଥ ସାଗରର ବିକାଶ ଲାଗି ବାରମ୍ବାର ଦାବି ହୋଇ ଆସୁଛି । ଏନେଇ ବିଧାୟକ ତାରା ପ୍ରସାଦ ବାହିନୀପତି, କ୍ଷୁଦ୍ର ଜଳ ସେଚନ ବିଭାଜନ ଜୟପୁରର ନିର୍ବାହୀ ଯନ୍ତ୍ରୀ ସୁବାସଚନ୍ଦ୍ର ସେଠୀ, ଉପ ନିବାହୀ ଯନ୍ତ୍ରୀ ସୁନୀଲ କୁମାର ତ୍ରିପାଠୀ, ସହକାରୀଯନ୍ତ୍ରୀ ନରସିଂହ ପାତ୍ର ଘଟଣାସ୍ଥଳରେ ପହଞ୍ଚି ବୁଲି ଦେଖିଛନ୍ତି । ସାଗରରେ ଅଳିଆ ଆବର୍ଜନା, ନଳା ପାଣି କିପରି ପଶୁଛି ତାହାକୁ ରୋକିବା ନେଇ ଆଲୋଚନା କରିଥିଲେ । ନୂଆସାହି ୫ ଲାଇନଠାରୁ କଣ୍ଡାସାହି ଦେଇ ଯାଇଥିବା ନାଳ ଅତି ନିମ୍ନମାନର ହୋଇଛି । ଏମିତିକି ନାଳ ଭିତରେ ମାଟି ଜମା ହୋଇ ରହିଛି । ଏହି ନାଳରେ ୩ଟି ଲିକେଜ ମଧ୍ୟ ରହିଛି । ସହରର ଦୂଷିତ ପାଣି ସାଗରରେ ପ୍ରବେଶ କରୁଛି । ଫଳରେ ପାଣି ନଷ୍ଟ ହେବା ସହ ଦଳ ଭର୍ତ୍ତି ହେଉଛି । ଏଥିଯୋଗୁଁ ସାଗର ଧୀରେ ଧୀରେ ନଷ୍ଟ ହେବାକୁ ବସିଛି । ତେଣୁ ତୁରନ୍ତ ନାଳ ନିର୍ମାଣ କରାଯିବାକୁ ବିଧାୟକ ଗୁରୁତ୍ୱ ଦେଇଥିଲେ । ଦୂଷିତ ପାଣି ଯେପରି ସାଗରରେ ନ ପଶିବ ସେଥିପ୍ରତି ଗୁରୁତ୍ୱ ଦେଇ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବାକୁ କହିଥିଲେ । ଏନେଇ ବିଭାଗ ସର୍ଭେ କରି ଏକ ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ଦେବେ । ସେଠାରେ ଗୃହୀତ ହେବା ପରେ ପ୍ରଥମେ ସାଗର ଭିତରେ ଅବର୍ଜନା ପାଣି ବନ୍ଦ କରିବାକୁ ବିଭାଗ ପଦକ୍ଷେପ ନେବ ବୋଲି ସୂଚନା ଦେଇଛି ।



ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ସହ ଅନ୍ୟ ଅଧିକାରୀମାନେ ଜଗନ୍ନାଥ ସାଗର ବୁଲି ଦେଖୁଛନ୍ତି ।

**ସଂକ୍ଷେପରେ**

## ଚଇତି ଲାଗି ବିଭିନ୍ନ ପ୍ରତିଯୋଗିତା

ଗୁଣପୁର,୧୯।୧୨(ଡି.ଏନ୍.ଏ.) ରାୟଗଡା ଜିଲା ଗୁଣପୁରରେ ଉପଖଣ୍ଡସ୍ତରୀୟ ଚଇତି 'ଇଡିତାଲ' ଲାଗି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଝୋଟି, ଭଲିବଲ, ଓଡିଆ ଖାଦ୍ୟ ଏବଂ କ୍ରିକେଟ ଆଦି ପ୍ରତିଯୋଗିତା କରାଯାଇଥିଲା। କ୍ରିକେଟରେ ଓକିଲ, ଖବରଦାତାଙ୍କୁ ନେଇ ଗଠିତ ଦଳ ପ୍ରଶାସନିକ ଦଳକୁ ଭେଟିଥିଲା। ଏଥିରେ ପ୍ରଶାସନ ଦଳ ବିଜୟୀ ହୋଇଛି। ମ୍ୟାଚ ୧୫ ଓଭର ବିଶିଷ୍ଟ ଖେଳାଯାଇଥିଲା। ପ୍ରଶାସନ ଦଳ ୩ ଉଇକେଟ ହରାଇ ନିର୍ଦ୍ଧାରିତ ଓଭରରେ ୧୮୪ ରନ ସଂଗ୍ରହ କରିଥିଲା। ୧୮୫ ରନର ଲକ୍ଷ୍ୟ ରଖି ଖେଳ ଆରମ୍ଭ କରିଥିବା ଓକିଲ-ଖବରଦାତା ଦଳ ନିର୍ଦ୍ଧାରିତ ଓଭରରେ ୭ଟି ଉଇକେଟ ହରାଇ ୧୧୬ ରନ ସଂଗ୍ରହ କରିଥିଲା। ତ୍ରିନାଥ ଖାଡଙ୍ଗା, ସପନ ଦାସ ଏବଂ ରବୀନ୍ଦ୍ର ପଣ୍ଡା ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ।

## ମା' ଗୋଜବାୟାଣୀଙ୍କ ପୀଠ ପ୍ରତିଷ୍ଠା ଉତ୍ସବ



କୋଲନରା,୧୯।୧୨(ଡି.ଏନ୍.ଏ.)- ରାୟଗଡ଼ା ଜିଲା କୋଲନରା ବ୍ଲକ ମୁକୁନ୍ଦପୁର ଦୈନିକ ବଜାର ନିକଟସ୍ଥ ଆମ୍ବତୋଟାରେ ମା' ଗୋଜବାୟାଣୀଙ୍କ ପୀଠ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ପାଳିତ ହୋଇଛି। ଗୁରୁବାର ସକାଳୁ ଗାଁ ନିକଟସ୍ଥ ପୋଖରୀରୁ ପାଣି ଉଠାଇ ମହିଳାମାନେ ଏକ କଳସ ଶୋଭାଯାତ୍ରାରେ ବାହାରି ଥିଲେ। ଶୋଭାଯାତ୍ରା ଗାଁ ପରିକ୍ରମା କରି ମନ୍ଦିର ନିକଟରେ ପହଞ୍ଚି ଥିଲା। ମନ୍ଦିରରେ ହୋମଯଜ୍ଞ ଓ ପୂଜାର୍ଚ୍ଚନା ପରେ ମା' ଗୋଜବାୟାଣୀଙ୍କ ମୂର୍ତ୍ତି ପୀଠରେ ସ୍ଥାପନ ହୋଇଥିଲା। ଗ୍ରାମବାସୀଙ୍କ ସହ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ପ୍ରତିଷ୍ଠା ଉତ୍ସବକୁ ମନ୍ଦିର ପରିଚାଳନା କମିଟିର କାଳିଆ ପାତିକା, ମାନସ ଦାସ, ସନ୍ତୋଷ ମହାପାତ୍ର, ରାମଚନ୍ଦ୍ର ବାତ୍ରିୟା, କାହ୍ନା ରଥାଲୁ ଓ କାମେଶ୍ୱର ବାତ୍ରିୟା ପରିଚାଳନା କରିଥିଲେ।

## ଯାନ୍ତ୍ରିକ ତ୍ରୁଟିରୁ ରାସ୍ତାରେ ଅଟକି ରହିଲା ଟ୍ରକ
## ୮ଘଣ୍ଟା ଟ୍ରାଫିକ ଜାମ



ରାୟଗଡ଼ା ଅଫିସ,୧୯।୧୨
ପିତାମହଲ ଗ୍ରାମ ନିକଟସ୍ଥ ରାସ୍ତାରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଏକ ୫୦ ଚକିଆ ଟ୍ରକ ବୁଧବାର ବିଳମ୍ବିତ ରାତିରେ ଫଶିଯିବାରୁ ୮ଘଣ୍ଟା ଟ୍ରାଫିକ ଜାମ୍ ହୋଇଥିଲା। ପୋଲିସ ସେଠାରେ ପହଞ୍ଚି ଟ୍ରକ୍‌ଟିକୁ ହଟାଇ ଥିଲା। ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ପ୍ରକାଶ ଯେ, ଟ୍ରକଟି ଆନ୍ଧ୍ରରୁ ଆସୁଥିଲା। ପିତାମହଲ ଗ୍ରାମ ନିକଟସ୍ଥ ରେଳ ଧାରଣା ପାଖରେ ଟ୍ରକର ଯାନ୍ତ୍ରିକ ତ୍ରୁଟି ଦେଖା ଦେଇଥିଲ। ଏଥିରେ ଟ୍ରକର ଇଞ୍ଜିନ ଏବଂ ପଛ ପାଖ ଅଲଗା ହୋଇଯାଇଥିଲା। ଏଥିଯୋଗୁ କିଛି ଟ୍ରେନ ବିଳମ୍ବରେ ଚାଲିବା ସହ ୮ ଘଣ୍ଟା ଧର ଟ୍ରାଫିକ ଜାମ ହୋଇଥିଲା।

# ୧୦ହଜାର ଲୋକଙ୍କୁ ମିଳିବ ବିପର୍ଯ୍ୟୟ ପ୍ରଶମନ ତାଲିମ

ରାୟଗଡ଼ା ଅଫିସ, ୧୯।୧୨



ବୈଠକରେ ପ୍ରଶାସନିକ ଅଧିକାର ଓ ଅନ୍ୟମାନେ।

ଗ୍ରାମାଞ୍ଚଳରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନେଇ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ବିଭାଗ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବିପର୍ଯ୍ୟୟ ବେଳେ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଭିଲେଜ ଡେ଼ଭଲପ୍‌ମେଣ୍ଟ ପ୍ଲାନ୍‌ସ ନାମକ କମିଟି ଗଠନ କରାଯାଇଛି। ଉକ୍ତ କମିଟି ପ୍ରାକୃତିକ ବିପର୍ଯ୍ୟୟ ବେଳେ ଲୋକଙ୍କୁ କିଭଳି ସାହାଯ୍ୟ କରିବ ସେ ନେଇ ଆଲୋଚନା କରାଯାଇଥିଲା। ଉକ୍ତ କମିଟିରେ ୱାର୍ଡମେମ୍ବର, ଅଙ୍ଗନୱାଡ଼ି, ଆଶା କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ରହିବେ। ସେମାନଙ୍କ ବୟସ ୧୮ରୁ ୩୫ ବର୍ଷ ହୋଇଥିବ। ଉକ୍ତ କମିଟିରେ ୧୫ ରୁ ୨୫ ଜଣ ରହିବେ। କେଉଁ ଗ୍ରାମରେ କ'ଣ ଆବଶ୍ୟକ ରହିଛି ସେ ନେଇ ଏହି କମିଟି ସଦସ୍ୟମାନେ ବିଡିଓଙ୍କୁ ଜଣାଇବେ। ବିଡିଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବେ। ଏହାଛଡ଼ା ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ରାୟଗଡ଼ାର ୯ ବ୍ଲକର ୩୫୦ ଗ୍ରାମରୁ ୧୦ ହଜାର ଲୋକଙ୍କୁ ଟ୍ରେନିଂ ଦିଆଯିବ। ଏହି ଲୋକମାନେ ଗ୍ରାମବାସୀଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ସଚେତନ କରିବେ। ଅନ୍ୟମାନଙ୍କ ମଧ୍ୟରୁ ଭୁବନେଶ୍ୱରରୁ ଗୌରୀ ଶଙ୍କର ମିଶ୍ରଙ୍କ ସମେତ ସମସ୍ତ ବିଡିଓ, ଏବିଡିଓ ଉପସ୍ଥିତ ଥିଲେ।

# ୧୦ ଦଫା ଦାବିରେ ଜିଡିଏସ୍‌ଙ୍କ ଧର୍ମଘଟ


ଧର୍ମଘଟରେ ସାମିଲ ହୋଇଥିବା ଜିଡିଏସ୍ ସଦସ୍ୟମାନେ।

ରାୟଗଡ଼ା ଅଫିସ, ୧୯।୧୨

ଅଖିଳ ଭାରତ ଗ୍ରାମୀଣ ଡାକ ସେବକ ସଂଘ ପକ୍ଷରୁ ୧୦ ଦଫା ଦାବି ନେଇ ରାୟଗଡ଼ା ଡିଭିଜନ ଅଫିସ ଆଗରେ ଧର୍ମଘଟ କରାଯାଇଛି। ଏହି ଧର୍ମଘଟ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କରାଯାଇଥିଲା। ସଂଘ ପକ୍ଷରୁ ଏକ ଦାବିପତ୍ର ରାୟଗଡ଼ା ଡ଼ିଭିଜନ ପୋଷ୍ଟ ଅଫିସ ଏସ୍‌ପିଙ୍କ ଜରିଆରେ ଡାକ ବିଭାଗ ସେକ୍ରେଟାରୀ ପି.କେ. ବିଷୋୟୀଙ୍କୁ ପ୍ରଦାନ କରାଯାଇଛି। ଗ୍ରାମୀଣ ଡାକ ସେବକ ସଂଘ (ଜିଡିଏସ୍)ର ରହିଥିବା ଦାବି ନେଇ କେନ୍ଦ୍ରରେ ସଂଘ ପକ୍ଷରୁ ଆଲୋଚନା ଜାରି ରହିଛି। ହେଲେ ଏହାର କାର୍ଯ୍ୟ ମନ୍ଥର ଗତିରେ ଚାଲି ଥିବାରୁ ଏହି ଧର୍ମଘଟ କରାଯାଇଛି। ଜିଡିଏସ୍‌ମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ବେତନ କମିଶନ ନିର୍ଦ୍ଧାରିତ ଗ୍ରୁପ ଇନ୍‌ସ୍ୟୁରାନ୍ସ ସ୍କିମକୁ ୫ଲକ୍ଷ ଟଙ୍କାକୁ ବୃଦ୍ଧି, ବେତନ କମିଶନ ନିର୍ଦ୍ଧାରିତ ୧୮୦ଦିନ ଛୁଟିକୁ ମଞ୍ଜୁର କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଜିଡ଼ିଏସ୍‌ଙ୍କୁ ମେଡିକାଲ ଇଏସଆଇ/ ସିଜିଏଚ୍‌ଏସ ସୁବିଧା, ସେମାନଙ୍କ ବଦଳି ନିୟମକୁ ପରିବର୍ତ୍ତନ କରିବାକୁ ଦାବି ହୋଇଛି। ଟାର୍ଗେଟ ନାମରେ ଜିଡିଏସମାନଙ୍କୁ ଧମକ ଦିଆ ନ ଯିବାକୁ ସେମାନେ କହିଛନ୍ତି। ସଂଘ ଶାଖା ସଭାପତି ଏଲ. ମନ୍ମଥ ରାଓ, ସମ୍ପାଦକ ବାଲ ଗୋପାଲ ଦାସ ଏବଂ ଜିଡିଏସ୍‌ର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଶିକ୍ଷାନୁଷ୍ଠାନରେ ସ୍ୱଚ୍ଛତା ଶିକ୍ଷା ଉପରେ ଗୁରୁତ୍ୱ ଦେବା ଜରୁରୀ

ମୁନିଗୁଡା, ୧୯।୧୨


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ମୁନିଗୁଡା ନୋଡାଲ ଉଚ୍ଚ ଇଂରାଜୀ ବିଦ୍ୟାଳୟ ପରିସରରେ ଗୁରୁବାର ପଞ୍ଚାୟତସମିତିସ୍ତରୀୟ ସ୍ୱଚ୍ଛତା ପାଇଁ ପ୍ରାକ୍ କାର୍ଯ୍ୟ ଯୋଜନା ପ୍ରସ୍ତୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ୟୁନିସେଫ ଏବଂ ଭାରତ ଜ୍ଞାନ ବିଜ୍ଞାନ ସମିତି ମିଳିତ ସଂଯୋଜନାକ୍ରମେ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକମାନଙ୍କୁ ନେଇ ଏହି ବୈଠକ କରାଯାଇଛି। ଏଥିରେ ୧୬ଜଣ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ୩୫ଜଣ ପ୍ରଧାନଶିକ୍ଷକ, ୧୫ଜଣ କ୍ଷେତ୍ରକର୍ମୀ, ସର୍ବଶିକ୍ଷା ଅଭିଯାନ କନିଷ୍ଠ ଯନ୍ତ୍ରୀ ଇଂ ବିଶ୍ୱଜିତ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁନିସେଫ ରାଜ୍ୟ ବୈଷୟିକ ଉପଦେଷ୍ଟା ଏନ୍.ଏଫ୍ ଖାନ, ରାଜ୍ୟ ସମ୍ବଳ ବ୍ୟକ୍ତି ଶଙ୍କୁଳି ବିଶ୍ୱାଳ, ବିଜିଭିଏସ୍ ସମ୍ପାଦକ ଗ୍ଲୋରିନ ମହାନ୍ତି, ଜିଲା ସଂଯୋଜକ ବିପିନ ବିହାରୀ ବାରିକ, ବିଇଓ ରାଧାକାନ୍ତ ଛତ୍ରୀ, ପ୍ରଧାନଶିକ୍ଷକ କରୁଣାକର ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷା ଅନୁଷ୍ଠାନମାନଙ୍କରେ ସ୍ୱଚ୍ଛତା ଶିକ୍ଷାକୁ ଗୁରୁତ୍ୱ ଦେଲେ ପରିବେଶ ତଥା ଜନସ୍ୱାସ୍ଥ୍ୟ ସୁରକ୍ଷିତ ରହିବ ବୋଲି ଅତିଥିମାନେ କହିଥିଲେ। ଏଥିପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଅତିଥି କହିଥିଲେ। ସିଆରସିସି ଅକ୍ଷୟ କୁମାର ରଥ ମଞ୍ଚ ପରିଚାଳନା କରିଥିଲେ।

## ଉକ୍କୁମ୍ବାଗୁଡା ଟ୍ରିପଲ ମର୍ଡର କେଶ୍‌ରେ ସ୍ୱତନ୍ତ୍ର ପିପି ନିଯୁକ୍ତ

ଗୁଣପୁର,୧୯।୧୨(ଡି.ଏନ୍.ଏ)
ରାୟଗଡା ଜିଲା ରାମନାଗୁଡା ବ୍ଲକ ଉକ୍କୁମ୍ବାଗୁଡାରେ ଗୁଣି ଗାରେଡି ସନ୍ଦେହରେ ଟ୍ରିପଲ ମର୍ଡର ହୋଇଥିଲା। ଏହି ଘଟଣାର ବିଚାରଣା ସହ ସରକାରଙ୍କ ପକ୍ଷ ରଖିବା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ଗୁଣପୁର କୋର୍ଟର ଜଣାଶୁଣା ଓକିଲ ତଥା ଅତିରିକ୍ତ ପିପି କୃଷ୍ଣଚନ୍ଦ୍ର ସେନାପତିଙ୍କୁ ସ୍ୱତନ୍ତ୍ର ପିପି ଭାବେ ନିଯୁକ୍ତି ଦିଆଯାଇଛି। ପୂର୍ବରୁ ଗତ ଦିନରେ ପୁଟାସିଂ ଥାନା ଅଧୀନ କିତୁଂ ଗ୍ରାମରେ ଗୁଣି ଗାରେଡି ସନ୍ଦେହରେ ଘଟିଥିବା ହତ୍ୟାକାଣ୍ଡ ମାମଲାକୁ ସେ ପରିଚାଳନା କରିଥିଲେ। ଏଥିରେ ଗୁଣପୁର ଏଡିଜେ ୯ ଜଣ ଅଭିଯୁକ୍ତଙ୍କୁ ଫାଶି ଦଣ୍ଡ ଦେଇଥିଲେ। ତାଙ୍କର ଅଭିଜ୍ଞତାକୁ ଦେଖି ରାୟଗଡା ଏସ୍‌ପିଙ୍କ ପ୍ରସ୍ତାବ କ୍ରମେ କ୍ରାଇମବ୍ରାଞ୍ଚ ପକ୍ଷରୁ ଉକ୍କୁମ୍ବାଗୁଡା ମାମଲାର ମାମଲା ପରିଚାଳନା କରିବା ପାଇଁ ସ୍ୱତନ୍ତ୍ର ପିପି ଭାବେ କୃଷ୍ଣଚନ୍ଦ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ପ୍ରକାଶ ଯେ, ଗତ ଫେବୃଆରୀ ୨୩ରେ ଉକ୍କୁମ୍ବାଗୁଡାରେ ଗାଁ ଲୋକ ଗୁଣି ଗାରେଡି ସନ୍ଦେହରେ ୩ ଜଣଙ୍କୁ ହତ୍ୟା କରିଥିଲେ। ପୋଲିସ ଏହି ଘଟଣାରେ ୧୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରଛି।

## ଆକ୍ରମଣ ମାମଲା, ବାପ-ପୁଅ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୧୯।୧୨-ଗଞ୍ଜାମ ଜିଲା ପ୍ରଥମ ଶ୍ରେଣୀ ବିଚାର ବିଭାଗ ମାଜିଷ୍ଟ୍ରେଟ ଅନନ୍ୟା ଦାସ ଏକ ଆକ୍ରମଣ ମାମଲାର ବିଚାର ଗୁରୁବାର କରିଥିଲେ। ପ୍ରମାଣ ଅଭାବରୁ ସେ ବାପ-ପୁଅଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଜୟମଙ୍ଗଳନଗରର ରମାକାନ୍ତ ନାୟକ ଓ ତାଙ୍କ ପୁଅ ମନୋଜ ।

# କନ୍ଦମୂଳ ଚାଷକୁ ନେଇ ପୁଷ୍ଟିସାଧନ କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

ଚନ୍ଦ୍ରପୁର, ୧୯।୧୨(ଡି.ଏନ୍.ଏ.)

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡା ପଞ୍ଚାୟତର ସଦର ମହକୁମାସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଆନ୍ତର୍ଜାତିକ ଆଳୁ ଗବେଷଣା କେନ୍ଦ୍ର ଭୁବନେଶ୍ୱର ପକ୍ଷରୁ ଆୟୋଜିତ କନ୍ଦମୂଳ ଚାଷକୁ ନେଇ ପୁଷ୍ଟିସାଧନ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଗବେଷଣା କେନ୍ଦ୍ରର ରାଜ୍ୟ ପ୍ରକଳ୍ପ ସଂଯୋଜକ ବୈଜ୍ଞାନିକ ଡଃ ରମେଶ ଚନ୍ଦ୍ର ରାୟ ଯୋଗଦେଇ ଥିଲେ। ଏଥିରେ କନ୍ଦମୂଳ ଏକ ଉନ୍ନତ ପରିବା। ଏହାର ଉପକାରିତା, ଚାଷ ପଦ୍ଧତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏ ନେଇ ଉପସ୍ଥିତ ଚାଷୀଙ୍କୁ ଆଳୁ ଗବେଷଣା କେନ୍ଦ୍ର ପକ୍ଷରୁ ଏକ ଛୋଟ ଚଳଚ୍ଚିତ୍ର ପ୍ରଦର୍ଶିତ କରାଯାଇ ଚାଷୀମାନଙ୍କୁ ସଚେତନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଷମକଟକ ସହକାରୀ ଉଦ୍ୟାନ ବିଭାଗ ଅଧିକାରୀ ଅସିତ ଚରଣ ମାଇତି, ଗବେଷଣା କେନ୍ଦ୍ରର ସହକାରୀ ପ୍ରକଳ୍ପ ଅଧିକାରୀ ଦେବାଶିଷ ସାମନ୍ତରା, ସିଇଓ ପ୍ରକାଶ ଚନ୍ଦ୍ର ଦାଶ, ଏସ୍. ଦିନେଶ କୁମାର, ନାରାୟଣ ସାହୁ ସମେତ ୧୫୦ରୁ ଊର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ। ଏହି କର୍ମଶାଳାକୁ ଚନ୍ଦ୍ରପୁର ବ୍ଲକରେ କାର୍ଯ୍ୟରତ 'ପ୍ରଭାତ' ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ସୁରେଶ ଚନ୍ଦ୍ର ମିଶ୍ର ଏହାକୁ ପରିଚାଳନା କରିଥିଲେ।

# ଅନିର୍ଦ୍ଦିଷ୍ଟ କାଳ ଧାରଣାରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର କର୍ମଚାରୀ

ଗୁଣପୁର,୧୯।୧୨(ଡି.ଏନ.ଏ)


ଫାଟକ ସମ୍ମୁଖରେ କର୍ମଚାରୀମାନେ ପ୍ରତିବାଦ ଜଣାଉଛନ୍ତି।

ରାୟଗଡା ଜିଲା ଗୁଣପୁର ସହର ବିକ୍ରମପୁର ଠାରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ରହିଛି। ଉକ୍ତ କେନ୍ଦ୍ରର କର୍ମଚାରୀମାନେ ୪ମାସ ହେବ ପାରିଶ୍ରମିକ ପାଇନାହାନ୍ତି। ପ୍ରତିବାଦରେ ଏଠାରେ କାମ କରୁଥିବା ୧୩ଜଣ କର୍ମଚାରୀ ଗୁରୁବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଆରମ୍ଭ

**ବକେୟା ପାରିଶ୍ରମିକ ଦାବି**

କରିଛନ୍ତି। କେନ୍ଦ୍ରରେ ତାଲା ପକାଇ କର୍ମଚାରୀମାନେ ପ୍ରତିବାଦ ଜଣାଇଛନ୍ତି। ୪ ମାସ ହେବ ପାରିଶ୍ରମିକ ମିଳି ନ ଥିବାବେଳେ ଏଥିପ୍ରତି କାହାର ଦୃଷ୍ଟି ପଡୁନାହିଁ ବୋଲି କର୍ମଚାରୀମାନେ କହିଛନ୍ତି। ଏଥିଯୋଗୁ ପରିବାର ଚଳାଇବା କଷ୍ଟକର ହୋଇପଡିଛି ବୋଲି ସେମାନେ ଜଣାଇଛନ୍ତି। ପ୍ରକାଶ ଯେ, ରାସ୍ତାରେ ଯାତାୟାତ କରୁଥିବା ଲୋକ, ଗାଡି ଚାଳକ ଓ ଯାତ୍ରୀଙ୍କ ସୁବିଧା ଏବଂ ବିଶ୍ରାମ ପାଇଁ ଏହି କେନ୍ଦ୍ର ଖୋଲାଯାଇଛି। କେନ୍ଦ୍ରରେ ତାଲା ପଡିଥିବାରୁ ଯାତ୍ରୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

## ଟୋକନ ନ ମିଳିବାରୁ ମଣ୍ଡିରେ ଧାନ ବିକି ପାରିଲେନି ଚାଷୀ
# ଜିଲାପାଳଙ୍କୁ ଭେଟିଲେ ଥେରୁବାଲି କୃଷକ

ରାୟଗଡ଼ା ଅଫିସ, ୧୯।୧୨


ଚାଷୀମାନେ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

ଥେରୁବାଲି ଅଞ୍ଚଳର କେତେକ ଚାଷୀଙ୍କୁ ଟୋକନ ମିଳି ନ ଥିବାରୁ ସେମାନେ ମଣ୍ଡିରେ ଧାନ ବିକ୍ରି କରି ପାରିନାହାନ୍ତି। ଉକ୍ତ ଚାଷୀମାନେ ଗୁରୁବାର ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କୁ ଭେଟି ଏ ନେଇ ଜଣାଇବା ସହ ଏକ ଦାବିପତ୍ର ଦେଇଛନ୍ତି। ସେମାନଙ୍କ ନାମ ଏଯାଏ ପଞ୍ଜୀକରଣ ହୋଇନାହିଁ। ଫଳରେ ସେମାନେ ବାଧ୍ୟ ହୋଇ ସ୍ୱଳ୍ପ ମୂଲ୍ୟରେ ଦଲାଲମାନଙ୍କୁ ଧାନ ବିକୁଛନ୍ତି ବୋଲି ଚାଷୀମାନେ ଜିଲାପାଳଙ୍କୁ ଜଣାଇଛନ୍ତି। ଧାର କରଜ କରି ଟଙ୍କା ଆଣିଥିବା ବେଳେ ତାହା ଶୁଝିବା କଷ୍ଟକର ହେଉଛି ବୋଲି ଚାଷୀମାନେ କହିଥିଲେ। ତୁରନ୍ତ ବଳକା ଚାଷୀଙ୍କ ନାମ ପଞ୍ଜୀକୃତ କରାଇବାକୁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଏହା ଦ୍ୱାରା ଚାଷୀ ସରକାରୀ ମୂଲ୍ୟରେ ଧାନ ବିକିପାରିବେ ବୋଲି କହିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ନକୁଳ ସେନାପତି, ନେହେରୁ ରତ୍ନ, ଦିଲୀପ ରଥ , ଏମ୍. ପ୍ରକାଶ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# 'ସୁନେତ୍ର'ରେ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା

କୋଲନରା, ୧୯।୧୨(ଡି.ଏନ୍.ଏ.)


ଚକ୍ଷୁପରୀକ୍ଷା କରାଇବାକୁ ଆସିଥିବା ଛାତ୍ରୀଛାତ୍ରମାନେ ।

କୋଲନରା ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ 'ସୁନେତ୍ର' ଯୋଜନାରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଛି। କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡାକ୍ତର ଜି. ଶୈଳଜା, ଆୟୁଷ ଡାକ୍ତର ରଶ୍ମିପ୍ରଭା ଦାସ, ଏମ୍‌ଏମ୍‌ଟି ଡାକ୍ତର ମମତା ରାଣୀ ସାହୁ, ବିପିଏମ୍ କଳ୍ପନା ମିଶ୍ର, ଏବିଇଓ ବଂଶୀଧର ବେହେରା ଯୋଗ ଦେଇଥିଲେ। ଶିବିରରେ ବ୍ଲକର ୨୫ଟି ସ୍କୁଲରୁ ୯୩ ଜଣ ଛାତ୍ରୀଛାତ୍ରୀ ଯୋଗ ଦେଇଥିଲେ। ୨୫ ଛାତ୍ରୀଛାତ୍ରଙ୍କୁ ଚଷମା ମିଳିଥିଲା। ଗୁରୁତର ଆକ୍ରାନ୍ତ ୧୪ଜଣ ପିଲାଙ୍କୁ ରାୟଗଡା ମୁଖ୍ୟ ଚିକିତ୍ସାଳୟକୁ ରେଫର କରାଯାଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ରସାନନ୍ଦ ସେଠୀ, ରାମଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ପୂର୍ବରୁ ତାଲିମ୍ ପାଇଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ଏହି ଶିବିର ପରିଚାଳନା କରିଥିଲେ।

# ଦିବ୍ୟାଙ୍ଗଙ୍କ ଟ୍ରାଇ ସାଇକେଲ ପ୍ରତିଯୋଗିତା

ରାୟଗଡ଼ା ଅଫିସ, ୧୯।୧୨

ଚଇତି ଉପଲକ୍ଷେ ଦିବ୍ୟାଙ୍ଗଙ୍କ ମଧ୍ୟରେ ଏକ ଟ୍ରାଇ ସାଇକେଲ ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଛି। ଜିଲାପାଳ ପ୍ରମୋଦ କୁମାର ବେହେରା ଓ ଏସ୍‌ପି ଡ଼. ସର୍ବଣା ବିବେକ ଏମ୍ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରତିଯୋଗୀମାନ ନୂତନ ବସ୍ ଷ୍ଟାଣ୍ଡରୁ ବାହାରି ଟ୍ରକ ୟୁନିୟନ ପର୍ଯ୍ୟନ୍ତ ଯାଇଥିଲେ। ଜଗନ୍ନାଥ ସେଠୀ ପ୍ରଥମ, ସଞ୍ଜୟ ସେନାପତି ଦ୍ୱିତୀୟ ଓ ସୁଣ୍ଡୁଲୁ କୌଶଲ୍ୟା ତୃତୀୟ ହୋଇଥିଲେ। ଏଥିରେ ୧୬ ଜଣ ପ୍ରତିଯୋଗୀ ସାମିଲ ହୋଇଥିଲେ। ତହସିଲଦାର ଉମାଶଙ୍କର ବେହେରା , ବିଡ଼ିଓ ରାଜେନ୍ଦ୍ର ମାଝି, ଜିଲା ସମାଜ ସୁରକ୍ଷା ଅଧିକାରୀ ଆଦିପତି କଅଁର, ଜିଲା କ୍ରୀଡ଼ାଧିକାରୀ ଶେଖ ଆଲିନୁର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


ଖେଳରେ ଭାଗ ନେଇଥିବା ପ୍ରତିଯୋଗୀ।

# ସିପିଆଇଏମ୍‌ଏଲ୍‌ର ପ୍ରତିବାଦ ଶୋଭାଯାତ୍ରା, ସଭା

**ଏନ୍‌ଆର୍‌ସି, ସିଏଏକୁ ବିରୋଧ**

ଗୁଣପୁର,୧୯।୧୨(ଡି.ଏନ୍.ଏ)
ସିଏଏ ଓ ଏନ୍‌ଆର୍‌ସିକୁ ବିରୋଧ କରି ରାୟଗଡା ଜିଲା ଗୁଣପୁରରେ ସିପିଆଇଏମ୍‌ଏଲ୍ ପକ୍ଷରୁ ପ୍ରତିବାଦ ସଭା ଗୁରୁବାର ଅନୁଷ୍ଠିତ ହୋଇଛି। ସଂଘ ପକ୍ଷରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ସେମାନେ ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେଠାରେ ଧାରଣା ସହ ପ୍ରତିବାଦ କରିଥିଲେ। ଦଳର କେନ୍ଦ୍ରୀୟ କମିଟି ସଭ୍ୟ ତ୍ରିପତି ଗମାଙ୍ଗଙ୍କ ନେତୃତ୍ୱରେ ବୃନ୍ଦାବନ ବିଡିକା, ଜେମ୍‌ଶ ଶବର, କୈଳାସ ଶବର, ସମ୍ବରା ଶବର, ଦିଶନ ଗମାଙ୍ଗ , ମୂର୍ତ୍ତି ମିଣିଆକା, ପ୍ରସାଦ ଲିମା, କରୁଣାକର ଲିମା, ଦାନିଏଲ ଶବର ପ୍ରମୁଖ ଏହି ସଭାରେ ସାମିଲ ହୋଇଥିଲେ।



ଦଳ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

